**ଆରବିଆଇ/୨୦୦୫-୦୬/୧୮୮**
ଡ଼ିଜିବିଏ, ଜିଏଡ଼ି.ସଂ.ଏଚ-୪୧୨/୪୨.୦୧.୦୩୪/୨୦୦୫-୦୬

ଅକ୍ଟୋବର ୨୫, ୨୦୦୫

**ଅଧ୍ୟକ୍ଷ/ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ**
ଜାମ୍ମୁ ଓ କାଶ୍ମୀର ବ୍ୟାଙ୍କ ଲିଃ.ସମେତ
ସମସ୍ତ ଏଜେନ୍‌ସୀ ବ୍ୟାଙ୍କ

ପ୍ରିୟ ମହାଶୟ,

**OLTAS- ପ୍ରତ୍ୟକ୍ଷ କର ଚାଲାଣ ପାଇଁ ଡ୍ରପ୍ ବାକ୍ସ ସୁବିଧା**

ଆୟକର(ପଦ୍ଧତି) ନିର୍ଦ୍ଦେଶାଳୟ ସୂଚନା ଦେଇଛନ୍ତି ଯେ, ଅନ୍ ଲାଇନ୍ ଟ୍ୟାକ୍ସ ସିଷ୍ଟମ (OLTAS) ରେ ପ୍ୟାନ/ଟ୍ୟାନ୍ ସମ୍ବନ୍ଧୀୟ ତଥ୍ୟ ଲିଖନରେ ମାତ୍ରାଧିକ ତ୍ରୁଟି ପରିଲକ୍ଷିତ ହେଉଛି। ବ୍ୟାଙ୍କ ଶାଖାମାନଙ୍କରେ ରଖାଯାଇଥିବା 'ଡ୍ରପ୍ ବାକ୍ସ' ମାନଙ୍କରେ ଟିକସଦାତା ମାନେ ଚାଲାଣ ପକାଇବା ହେଉଛି ଏହି ତ୍ରୁଟିର ଏକ କାରଣ । ବାକ୍ସରେ ଚାଲାଣ ପକାଇବାର ଏହି ପ୍ରଥା ଯୋଗୁଁ ବ୍ୟାଙ୍କ ଅଧିକାରୀମାନେ OLTAS ରେ ତଥ୍ୟ ଲିଖନ ପୂର୍ବରୁ ଚାଲଣ ପକାଉଥିବା ବ୍ୟକ୍ତିଙ୍କ ଚାଲାଣର ସବିଶେଷ ଉପରେ ପ୍ରାଥମିକ ଅନୁସନ୍ଧାନ କରିବାକୁ ସମର୍ଥ ହେଉନାହାନ୍ତି ।

୨. ମୌଳିକ ତଥ୍ୟ ଲିଖନକୁ ତ୍ରୁଟି ହୀନ କରିବା ଲକ୍ଷ୍ୟ ନେଇ OLTAS ପାଇଁ ଗଠିତ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ନିଷ୍ପତ୍ତି ନେଇଛନ୍ତି ଯେ, ଡ୍ରପ୍ ବାକ୍ସରେ ପ୍ରତ୍ୟକ୍ଷକର ଚାଲାଣ ପକାଇବାକୁ ଅନୁମତି ଦେବା ଉଚିତ ନୁହେଁ। ତେଣୁ ଆପଣଙ୍କୁ ଅନୁରୋଧ ଯେ, ଡ୍ରପ୍ ବାକ୍ସରେ ପ୍ରତ୍ୟକ୍ଷକର ଚାଲାଣ ନପକାଇବା ବାବଦରେ ଉପଯୁକ୍ତ ବିଜ୍ଞପ୍ତି ପ୍ରଦର୍ଶିତ କରିବା ପାଇଁ ପ୍ରତ୍ୟକ୍ଷକର ସଂଗ୍ରହ କରିବା ପାଇଁ ପ୍ରାଧିକୃତ ସମସ୍ତ ଶାଖାଙ୍କୁ ଆବଶ୍ୟକ ଉପଦେଶ ଦେବେ ।

ଆପଣଙ୍କ ବିଶ୍ୱସ୍ତ

**(ଏମ୍.ଟି.ଭର୍ଗିଜ୍)**

ମହା ପ୍ରବନ୍ଧକ